# NATIONAL NEWS BULLETIN (ODIA)
## 9 August - 2024
## Morning Bulletin : 7.15 A.M.

**********************************

## ମୁଖ୍ୟ ସମ୍ବାଦ

- ଅକଲାଣ୍ଡରେ ଆଜି ପ୍ରବାସୀ ଭାରତୀୟଙ୍କ ସହ ଆଲୋଚନା କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ଆସନ୍ତା ସ୍ୱାଧୀନତା ଦିବସରେ ଇସ୍ରୋ ଉତ୍କ୍ଷେପଣ କରିବ ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ ।
- ପ୍ୟାରିସ୍ ଅଲିମ୍ପିକ୍ସରେ ସ୍ପେନ୍‌କୁ ୨-୧ ଗୋଲ୍‌ରେ ପରାସ୍ତ କରି କାଂସ୍ୟ ପଦକ ହାସଲ କଲା ଭାରତୀୟ ହକି ଦଳ ।
- ଅଗଷ୍ଟ ୧୪ରୁ ସର୍ବସାଧାରଣଙ୍କ ପାଇଁ ଖୋଲିବ ରାଷ୍ଟ୍ରପତି ଭବନର ଅମୃତ ଉଦ୍ୟାନ ।

ଏବଂ

- ବାଂଲାଦେଶର ନୂଆ ମୁଖ୍ୟଙ୍କୁ ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

## ରାଷ୍ଟ୍ରପତି-ନ୍ୟୁଜିଲାଣ୍ଡ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇ ଦିନିଆ ନ୍ୟୁଜିଲାଣ୍ଡ ଗସ୍ତରେ ଅଛନ୍ତି। ସେ ଆଜି ଅକଲାଣ୍ଡରେ ଏକ ସାମୂହିକ କାର୍ଯ୍ୟକ୍ରମରେ ପ୍ରବାସୀ ଭାରତୀୟଙ୍କ ସହ ଆଲୋଚନା କରିବେ। ନ୍ୟୁଜିଲାଣ୍ଡରେ ପାଖାପାଖି ୩ ଲକ୍ଷ ଭାରତୀୟ ବସବାସ କରୁଛନ୍ତି। ଏହା ନ୍ୟୁଜିଲାଣ୍ଡ ଓ ଭାରତ ମଧ୍ୟରେ ସେତୁ ଭାବେ କାର୍ଯ୍ୟ କରୁଛି। ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଭାରତ ଅକଲାଣ୍ଡରେ ଏକ ଦୂତାବାସ ଖୋଲିବ ବୋଲି ଗତକାଲି ରାଷ୍ଟ୍ରପତି ମୁର୍ମୁ ଘୋଷଣା କରିଥିଲେ।

## ଇସ୍ରୋ

ଆସନ୍ତା ସ୍ୱାଧୀନତା ଦିବସରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା-ଇସ୍ରୋ ଏସ୍ଏସ୍ଏଲ୍ଭି ଜରିଆରେ ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ ଉତକ୍ଷେପଣ କରିବ। ମହାକାଶକୁ ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ ଉତକ୍ଷେପଣ କରି ଇସ୍ରୋ ସ୍ୱାଧୀନତା ଦିବସ ପାଳନ କରିବ। ଅଗଷ୍ଟ ୧୫ ତାରିଖ ସକାଳ ୯ଟା ୧୭ମିନିଟରେ ଶ୍ରୀହରିକୋଟାରୁ ଉପଗ୍ରହ ଉତକ୍ଷେପଣ ପାଇଁ ଏହି କ୍ଷୁଦ୍ର ଉପଗ୍ରହ ଉତକ୍ଷେପଣ ଯାନ ବ୍ୟବହାର କରାଯିବ। ଇସ୍ରୋ ଦ୍ୱାରା ବିକଶିତ ଏହି କ୍ଷୁଦ୍ର ଉତ୍କ୍ଷେପଣ ଯାନକୁ କମ୍ ଖର୍ଚ୍ଚରେ ଉତ୍ପାଦନ କରାଯାଇପାରିବ, ଏଥିରେ ଏକାଧିକ ମାଇକ୍ରୋ

ସାଟେଲାଇଟ୍ ରହିପାରିବ ଏବଂ ସର୍ବନିମ୍ନ ଭିତ୍ତିଭୂମି ଆବଶ୍ୟକତା ସହିତ କମ୍ ସମୟ ମଧ୍ୟରେ ଚାହିଦା ଅନୁଯାୟୀ ଉତ୍କ୍ଷେପଣ କରାଯାଇପାରିବ। ଏହା ୫୦୦ କିଲୋଗ୍ରାମର ଉପଗ୍ରହକୁ ୫୦୦ କିଲୋମିଟର କକ୍ଷପଥକୁ ନେଇ ଯାଇପାରିବ। ପ୍ରଦର୍ଶନ ଉଡ଼ାଣ ସଫଳ ହେବା ପରେ ଏହାକୁ ଉତ୍ପାଦନ ପାଇଁ ଘରୋଇ କ୍ଷେତ୍ରକୁ ହସ୍ତାନ୍ତର କରାଯିବ।

## ରାଷ୍ଟ୍ରପତି-ଅମୃତ ଉଦ୍ୟାନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ଅଗଷ୍ଟ ୧୪ରେ ଅମୃତ ଉଦ୍ୟାନ ବାର୍ଷିକ ସଂସ୍କରଣ, ୨୦୨୪କୁ ଉଦଘାଟନ କରିବେ। ଅମୃତ ଉଦ୍ୟାନ ଅଗଷ୍ଟ ୧୬ରୁ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ। ଅପରାହ୍ଣ ୫ଟା ୧୫ରେ ଶେଷ ପ୍ରବେଶ ପାଇଁ ଅନୁମତି ଦିଆଯିବ।

ଏହାଛଡ଼ା ପ୍ରଥମ ଥର ପାଇଁ ଅଗଷ୍ଟ ୨୯ରେ ଜାତୀୟ କ୍ରୀଡ଼ା ଦିବସ ଅବସରରେ କ୍ରୀଡ଼ାବିତଙ୍କ ପାଇଁ ସଂରକ୍ଷିତ ରହିବ। ସେହିପରି ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଶିକ୍ଷକ ଦିବସ ଅବସରରେ ସେପ୍ଟେମ୍ବର ୫ ତାରିଖ ଶିକ୍ଷକଙ୍କ ପାଇଁ ସଂରକ୍ଷିତ ରହିବ। ରକ୍ଷଣାବେକ୍ଷଣ ପାଇଁ ଅମୃତ ଉଦ୍ୟାନ ସବୁ ସୋମବାର ବନ୍ଦ ରହିବ। ରାଷ୍ଟ୍ରପତି ଭବନର ୱେବସାଇଟ

visit.rashtrapatibhavan.gov.in ଏବଂ ୱାକ୍-ଇନ୍ ଭିଜିଟର୍ସ ପାଇଁ ୩୫ ନମ୍ବର ଗେଟ୍ ବାହାରେ ଥିବା ସେଲ୍ଫ ସର୍ଭିସ୍ କିଓସ୍କରୁ ଅନଲାଇନ୍ ବୁକିଂ କରାଯାଇପାରିବ।

ପର୍ଯ୍ୟଟକମାନେ ରାଷ୍ଟ୍ରପତି ଭବନ ଏବଂ ରାଷ୍ଟ୍ରପତି ଭବନ ସଂଗ୍ରହାଳୟ ତଥା ନୂଆଦିଲ୍ଲୀରେ ଗାର୍ଡ ପରିବର୍ତ୍ତନ ସମାରୋହ ପରିଦର୍ଶନ କରିପାରିବେ। ସିମଲାରେ ଥିବା ରାଷ୍ଟ୍ରପତିଙ୍କ ବାସଭବନ ମାଶୋବ୍ରା ଏବଂ ହାଇଦ୍ରାବାଦରେ ରାଷ୍ଟ୍ରପତି ନିଳୟମ ପରିଦର୍ଶନ କରିବା ପାଇଁ ମଧ୍ୟ ଅନଲାଇନରେ ସ୍ଲଟ୍ ବୁକିଂ କରିପାରିବେ।

# ହର ହର ତିରଙ୍ଗା

ଦେଶଭକ୍ତିର ଭାବନାକୁ ପ୍ରୋତ୍ସାହିତ କରିବା ପାଇଁ ଦେଶରେ ଅଗଷ୍ଟ ୯ରୁ ୧୫ ତାରିଖ ପର୍ଯ୍ୟନ୍ତ ହର ଘର ତିରଙ୍ଗା ଅଭିଯାନ ଚାଲିବ। ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଲୋକଙ୍କୁ ନିଜ ଘରେ ତ୍ରିରଙ୍ଗା ଉତ୍ତୋଳନ କରିବା ସହ ହର ଘର ତିରଙ୍ଗା ୱେବସାଇଟରେ ତ୍ରିରଙ୍ଗା ସହ ସେଲ୍ଫି ଅପଲୋଡ୍ କରିବାକୁ ଅନୁରୋଧ କରିଛନ୍ତି। ଆଜାଦି କା ଅମୃତ ମହୋତ୍ସବ ଅଧୀନରେ ୨୦୨୨ ମସିହାରେ ହର ଘର ତିରଙ୍ଗା ଅଭିଯାନ ଆରମ୍ଭ ହୋଇଥିଲା ଏବଂ ଗତବର୍ଷ ୧୦ କୋଟିରୁ ଅଧିକ ଲୋକ ତ୍ରିରଙ୍ଗା ସହ ସେଲ୍ଫି ଉଠାଇ ଏହାକୁ

ଅପଲୋଡ୍ କରିଥିଲେ। ଏହି ଅବସରରେ ସାରା ଦେଶରେ ୨୦୦ରୁ ଅଧିକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ଏବଂ ଚଳିତ ମାସ ୧୩ ତାରିଖରେ ସାଂସଦ ଓ ମନ୍ତ୍ରୀମାନେ ତିରଙ୍ଗା ବାଇକ୍ ରାଲି କରିବେ ସେ କହିଛନ୍ତି ।

## ଜୟଶଙ୍କର-ମାଳଦ୍ୱୀପ

ବୈଦେଶିକ ବ୍ୟାପାର ମନ୍ତ୍ରୀ ସୁବ୍ରମଣ୍ୟମ ଜୟଶଙ୍କର ଆଜିଠାରୁ ତିନି ଦିନିଆ ମାଳଦ୍ୱୀପ ଗସ୍ତରେ ଯିବେ। ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ଏବଂ ନୂତନ ସୁଯୋଗ ଖୋଜିବା ଏହି ଗସ୍ତର ଉଦ୍ଦେଶ୍ୟ।

ଚଳିତ ବର୍ଷ ଜୁନ୍ ମାସରେ ନୂତନ କେନ୍ଦ୍ର ମନ୍ତ୍ରୀ ପରିଷଦର ଶପଥ ଗ୍ରହଣ ସମାରୋହରେ ଯୋଗଦେବା ପାଇଁ ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଏଜୁଙ୍କ ଭାରତ ଗସ୍ତ ପରେ ବୈଦେଶିକ ବ୍ୟାପାର ମନ୍ତ୍ରୀଏହି ଗସ୍ତ କରୁଛନ୍ତି। ମାଳଦ୍ୱୀପ ଭାରତର ଏକ ପ୍ରମୁଖ ପଡ଼ୋଶୀ ଏବଂ ଭାରତ ମହାସାଗରୀୟ ଅଞ୍ଚଳରେ ଏକ ଗୁରୁତ୍ୱପୂର୍ଣ୍ଣ ରଣନୈତିକ ଭୌଗୋଳିକ ସ୍ଥିତିରେ ରହିଛି । ସମଗ୍ର ଅଞ୍ଚଳରେ ବିକାଶ ଓ ନିରାପତ୍ତା ପାଇଁ ଭାରତ ପଡ଼ୋଶୀ ପ୍ରଥମନୀତି ଏବଂ ସାଗର ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି। ଡକ୍ଟର ଜୟଶଙ୍କରଙ୍କ ଗସ୍ତ ଏହି ଭାଗିଦାରୀକୁ ବଢ଼ାଇବା, ସହଯୋଗ ପାଇଁ

ନୂତନ ସୁଯୋଗ ଖୋଜିବା ଏବଂ ଗତ ବର୍ଷ ଉପୁଜିଥିବା ଚିନ୍ତାଗୁଡ଼ିକର ସମାଧାନ ଉପରେ ଗୁରୁତ୍ୱ ଦେବ ।

# ମନିଷ ସିସୋଦିଆ

ଅବକାରୀ ନୀତିରେ ଅନିୟମିତତା ମାମଲାରେ ଆପ୍ ନେତା ମନୀଷ ସିସୋଦିଆଙ୍କ ଜାମିନ ଆବେଦନ ଖାରଜ କରିବା ପାଇଁ ଦିଲ୍ଲୀ ହାଇକୋର୍ଟ ଦେଇଥିବା ରାୟକୁ ବିରୋଧ କରି ଆବେଦନ ଉପରେ ସୁପ୍ରିମକୋର୍ଟ ଆଜି ରାୟ ଶୁଣାଇବେ। ଜଷ୍ଟିସ୍ ବିଆର୍ ଗବାଇ ଏବଂ ଜଷ୍ଟିସ୍ କେଭି ବିଶ୍ୱନାଥନଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ଏହି ରାୟ ଶୁଣାଇବେ। ଉଭୟ ପକ୍ଷଙ୍କ ଯୁକ୍ତି ଶେଷ ହେବା ପରେ ଅଦାଲତ ସିସୋଦିଆଙ୍କ ଆବେଦନ ଉପରେ ରାୟ ସଂରକ୍ଷିତ ରଖିଛନ୍ତି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ତଦନ୍ତ କରାଯାଉଥିବା ମାମଲାରେ ତାଙ୍କ ଜାମିନ ଆବେଦନକୁ ଖାରଜ କରିଥିବା ଦିଲ୍ଲୀ ହାଇକୋର୍ଟଙ୍କ ଆଦେଶକୁ ଚ୍ୟାଲେଞ୍ଜ କରି ସିସୋଦିଆଙ୍କ ଆବେଦନର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଏହା କହିଛନ୍ତି। ତଦନ୍ତକାରୀ ଏଜେନ୍ସି ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଏସ୍ ଭି ରାଜୁ ସାକ୍ଷୀମାନଙ୍କୁ ପ୍ରଭାବିତ କରାଯାଇପାରେ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି। ଅତିରିକ୍ତ ସଲିସିଟର

ଜେନେରାଲ ରାଜୁ କହିଛନ୍ତି ଯେ କିଛି ଗୁରୁତ୍ୱପୂର୍ଣ୍ଣ ସାକ୍ଷୀଙ୍କୁ ଜେରା କରାଯିବାର ସମ୍ଭାବନା ରହିଛି।

## ଅଲିମ୍ପିକ୍ସ

ପ୍ୟାରିସ୍ ଅଲିମ୍ପିକ୍ସରେଭାରତର ଷ୍ଟାର ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍ ନୀରଜ ଚୋପ୍ରା ପୁରୁଷ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ୮୯ଦଶମିକ୍ ୪/୫ ମିଟରରେ ରୌପ୍ୟ ପଦକ ଜିତିଥିବା ବେଳେ ପାକିସ୍ତାନର ଅର୍ଶଦ ନଦୀମ ୯୨ଦଶମିକ୍ ୯/୭ ମିଟର ଥ୍ରୋ କରି ସର୍ବକାଳୀନ ୯୦ଦଶମିକ୍ ୫/୭ ମିଟର ଅଲିମ୍ପିକ୍ ରେକର୍ଡ ଭାଙ୍ଗିଛନ୍ତି। ପ୍ୟାରିସ ଅଲିମ୍ପିକ୍ସରେ ନୀରଜ ଚୋପ୍ରା ସ୍ୱାଧୀନତା ପରେ ପ୍ରଥମ ଭାରତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍ ଭାବେ ଦୁଇଟି ପଦକ ଜିତିଛନ୍ତି। ଯୋଗ୍ୟତା ପର୍ଯ୍ୟାୟରେ ୮୯ଦଶମିକ୍ ୩/୪ ମିଟର ଫିଙ୍ଗି ସେ ଅଗ୍ରଣୀ ହାସଲ କରି ଫାଇନାଲରେ ପ୍ରବେଶ କରିଥିଲେ। ୨୦୦୮ ଓ ୨୦୧୨ ଅଲିମ୍ପିକ୍ସରେ କାଂସ୍ୟ ଓ ରୌପ୍ୟ ପଦକ ଜିତିଥିବା କୁସ୍ତିଯୋଦ୍ଧା ସୁଶୀଲ କୁମାରଙ୍କ ପରେ ନିରଜ ଚୋପ୍ରା ଅଲିମ୍ପିକ୍ସରେ କ୍ରମାଗତ ପଦକ ଜିତିବାରେ ଦ୍ୱିତୀୟ ଭାରତୀୟ ପୁରୁଷ ଏବଂ ତୃତୀୟ ଖେଳାଳି ହୋଇଛନ୍ତି। ପିଭି ସିନ୍ଧୁ କ୍ରମାଗତ ପଦକ ଜିତିବାରେ ଦ୍ୱିତୀୟ ଭାରତୀୟ। ନୀରଜଙ୍କ ରୌପ୍ୟ ପଦକ ପ୍ୟାରିସରେ ଭାରତର ପଞ୍ଚମ ପଦକ ଥିଲା, ଯେଉଁଥିରେ ଗୋଟିଏ ରୌପ୍ୟ ଓ ୪ଟି କାଂସ୍ୟ ପଦକ

ରହିଛି । ନର୍ମାନ ପ୍ରିଚାର୍ଡ, ସୁଶୀଲ କୁମାର, ପିଭି ସିନ୍ଧୁ ଏବଂ ମନୁ ଭାକରଙ୍କ ପରେ ସେ ପଞ୍ଚମ ଭାରତୀୟ ଭାବେ ଏକାଧିକ ବ୍ୟକ୍ତିଗତ ଅଲିମ୍ପିକ୍ସ ପଦକ ଜିତିଛନ୍ତି ।

## ନିରଜ-ମୁର୍ମୁ

ପ୍ୟାରିସ୍ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିବା ନୀରଜ ଚୋପ୍ରାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିନନ୍ଦନ ଜଣାଇଛନ୍ତି । ଏକ ବାର୍ତ୍ତାରେ ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ନୀରଜଙ୍କ ସଫଳତାରେ ଦେଶ ଗର୍ବିତ ଏବଂ ଏହା ଭବିଷ୍ୟତ ପିଢ଼ିକୁ ପ୍ରେରଣା ଯୋଗାଇବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ବାର୍ତ୍ତାରେ କହିଛନ୍ତି ଯେ ନୀରଜ ବାରମ୍ବାର ନିଜର ପ୍ରତିଭା ପ୍ରଦର୍ଶନ କରିଛନ୍ତି । ଅଲିମ୍ପିକ୍ସରେ ଆଉ ଏକ ସଫଳତା ପାଇ ସ୍ୱଦେଶ ଫେରିଥିବାରୁ ଭାରତ ବହୁତ ଖୁସି ବୋଲି ସେ କହିଛନ୍ତି ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ମଧ୍ୟ ନୀରଜ ଚୋପ୍ରାଙ୍କୁ ପ୍ରଶଂସା କରିବା ସହ କହିଛନ୍ତି ଯେ ନୀରଜ ତ୍ରିରଙ୍ଗାର ସମ୍ମାନ ବୃଦ୍ଧି କରିଛନ୍ତି ।

# ଅଲିମ୍ପିକ୍ସ କାର୍ଯ୍ୟକ୍ରମ

ପ୍ୟାରିସରେ ଭାରତୀୟ ଆଥଲେଟମାନେ ଆଜି କୁସ୍ତି, ଆଥଲେଟିକ୍ସ ଏବଂ ଗଲ୍ଫରେ ଭାଗ ନେବେ।

ପୁରୁଷ ୫୭ କେଜି ଫ୍ରିଷ୍ଟାଇଲ କୁସ୍ତି ଇଭେଣ୍ଟରେ କାଂସ୍ୟ ପଦକ ପାଇଁ ଅମନ ସେହରାୱତ ପ୍ରତିଦ୍ୱନ୍ଦ୍ୱିତା କରିବେ। ଭାରତୀୟ ସମୟ ଅନୁସାରେ ଏହି ମ୍ୟାଚ୍ ଆଜି ରାତି ୯ଟା ୪୫ରେ ଆରମ୍ଭ ହେବ।

ଆଥଲେଟିକ୍ସରେ ଭାରତୀୟ ପୁରୁଷ ଓ ମହିଳା ରିଲେ ଦଳ ୪ x ୪୦୦ ରିଲେ ରେସ୍‌ରେ ଭାଗ ନେବେ। ପୁରୁଷ ୪ x ୪ ରିଲେ ଦଳ ଅପରାହ୍ନ ୨ଟା ୩୫ରେ ଏବଂ ମହିଳା ୪ x ୪୦୦ ଦଳ ଅପରାହ୍ନ ୨ଟା ୧୦ରେ ରାଉଣ୍ଡ-୧ରେ ଭାଗ ନେବେ। ଦୁଇଟି ହିଟ୍‌ରେ ଶ୍ରେଷ୍ଠ ୩ଟି ଦଳ ଏବଂ ପରବର୍ତ୍ତୀ ଦୁଇଟି ଦ୍ରୁତତମ ଦଳ ଫାଇନାଲରେ ମୁହାଁମୁହିଁ ହେବେ।

ଗଲ୍ଫରେ ଅଦିତି ଅଶୋକ ଏବଂ ଦିକ୍ଷା ଡାଗର ରାଉଣ୍ଡ ୩ରେ ନଜର ଆସିବେ । ଟୋକିଓ ଅଲିମ୍ପିକ୍ସ ୨୦୨୦ରେ ଅଦିତି ଚତୁର୍ଥ ସ୍ଥାନରେ ରହିଥିଲେ । ତୃତୀୟ ରାଉଣ୍ଡ ମ୍ୟାଚ୍ ମଧ୍ୟାହ୍ନ ସାଢ଼େ ୧୨ଟାରୁ ଆରମ୍ଭ ହେବ।

## ପ୍ୟାରିସ୍ ଅଲିମ୍ପିକ୍ସ-ଧନଖଡ଼

ପ୍ୟାରିସ୍ ଅଲିମ୍ପିକ୍ସ୨୦୨୪ରେ କାଂସ୍ୟ ପଦକ ଜିତିଥିବା ଭାରତୀୟ ପୁରୁଷ ହକି ଦଳକୁ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଅଭିନନ୍ଦନ ଜଣାଇଛନ୍ତି। ବିଶ୍ୱ ମଞ୍ଚରେ ଭାରତକୁ ଗର୍ବିତ କରିଥିବା ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଉପରାଷ୍ଟ୍ରପତି ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରୀ ଧନଖଡ଼ ଭବିଷ୍ୟତର ସମସ୍ତ ପ୍ରୟାସରେ ଦଳର ସଫଳତା କାମନା କରିଛନ୍ତି।

## ହକି ଇଣ୍ଡିଆ

ହକି ଇଣ୍ଡିଆ ପ୍ୟାରିସ୍ ଅଲିମ୍ପିକ୍ସରେ କାଂସ୍ୟ ପଦକ ଜିତିଥିବା ପୁରୁଷ ହକି ଦଳର ଖେଳାଳିଙ୍କୁ ୧୫ ଲକ୍ଷ ଟଙ୍କା ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ୭ ଲକ୍ଷ ୫୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ଘୋଷଣା କରିଛି । ହରମନପ୍ରୀତ ସିଂହଙ୍କ ନେତୃତ୍ୱାଧୀନ ଦଳ ସ୍ପେନ୍‌କୁ ୨-୧ ଗୋଲ୍‌ରେ ପରାସ୍ତ କରି କ୍ରମାଗତ ଦ୍ୱିତୀୟ ଅଲିମ୍ପିକ୍ ପଦକ ହାସଲ କରିଛି। ଶେଷ ଥର ପାଇଁ ୫୨ ବର୍ଷ ପୂର୍ବେ ଏହି ସଫଳତା ହାସଲ କରାଯାଇଥିଲା।

ସେହିପରି ଭାରତୀୟ ହକି ଦଳର ସଫଳତାରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ଭାରତୀୟ ହକି ଦଳ ପାଇଁ ପୁରସ୍କାର ରାଶି ପ୍ରଦାନ ଲାଗି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଦଳର ସମସ୍ତ ଖେଳାଳିଙ୍କୁ ୧୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଘୋଷଣା କରାଯାଇଥିବା ବେଳେ ସହଯୋଗୀ ଷ୍ଟାଫ୍‌ଙ୍କୁ ୧୦ଲକ୍ଷ ଟଙ୍କା ଲେଖାଏଁ ମିଳିବ । ତେବେ ଓଡ଼ିଆ ଖେଳାଳି ଅମିତ ରୋହି ଦାସଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଭାବେ ୪ କୋଟି ଟଙ୍କା ପୁରସ୍କାର ଘୋଷଣା କରିଥିବା ଜଣାପଡ଼ିଛି ।

## ବାଂଲାଦେଶ ନୂଆ ସରକାର

ନୋବେଲ ବିଜେତା ମହମ୍ମଦ ୟୁନୁସ ବାଂଲାଦେଶର ଅନ୍ତରୀଣ ସରକାରର ମୁଖ୍ୟ ଭାବେ ଶପଥ ଗ୍ରହଣ କରିଛନ୍ତି। ବାଂଲାଦେଶ ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ ଗତକାଲି ସନ୍ଧ୍ୟାରେ ଢାକାର ବଙ୍ଗଭବନରେ ତାଙ୍କୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ବିଭିନ୍ନ ଦେଶର କୂଟନୀତିଜ୍ଞମାନେ ଉପସ୍ଥିତ ଥିଲେ। ୧୯୪୦ ୨୮ ଜୁନ ତାରିଖରେ ଜନ୍ମ ଗ୍ରହଣ କରିଥିବା ମହମ୍ମଦ ୟୁନୁସ ବାଂଲାଦେଶର ଜଣେ ଉଦ୍ୟୋଗୀ, ବ୍ୟାଙ୍କର ଏବଂ ଅର୍ଥନୀତିଜ୍ଞ । ମାଇକ୍ରୋକ୍ରେଡିଟ୍ ଏବଂ ମାଇକ୍ରୋଫାଇନାନ୍ସର ଧାରଣାକୁ ଆଗକୁ ବଢ଼ାଇବା ପାଇଁ ଗ୍ରାମୀଣ ବ୍ୟାଙ୍କ ପ୍ରତିଷ୍ଠା ପାଇଁ ତାଙ୍କୁ ୨୦୦୬ ମସିହାରେ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା।

## ବାଂଲାଦେଶ-ପିଏମ୍

ପ୍ରଫେସର ମହମ୍ମଦ ୟୁନୁସଙ୍କୁ ବାଂଲାଦେଶର ନୂଆ ଦାୟିତ୍ୱ ଗ୍ରହଣ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିନନ୍ଦନ ଜଣାଇଛନ୍ତି। ହିନ୍ଦୁ ଏବଂ ଅନ୍ୟ ସମସ୍ତ ସଂଖ୍ୟାଲଘୁ ସମ୍ପ୍ରଦାୟର ସୁରକ୍ଷା ସୁନିଶ୍ଚିତ କରିବା ସହିତ ବାଂଲାଦେଶରେ ଖୁବଶୀଘ୍ର ସ୍ୱାଭାବିକ ସ୍ଥିତି ଫେରିବ ବୋଲି ପ୍ରଧାନମନ୍ତ୍ରୀ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଆଶା ବ୍ୟକ୍ତ କରିଛନ୍ତି । ଶାନ୍ତି, ନିରାପତ୍ତା ଏବଂ ବିକାଶ ପାଇଁ ଉଭୟ ଦେଶର ଜନସାଧାରଣଙ୍କ ମିଳିତ ଆକାଂକ୍ଷା ପୂରଣ କରିବା ପାଇଁ ଭାରତ ବାଂଲାଦେଶ ସହ କାମ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।

## ଲୋକସଭା

ୱାକଫ୍ (ସଂଶୋଧନ) ବିଲ୍, ୨୦୨୪କୁ ଅଧିକ ଯାଞ୍ଚ ପାଇଁ ଯୁଗ୍ମ ସଂସଦୀୟ କମିଟିକୁ ପଠାଯାଇଛି। ଗତକାଲି ଲୋକସଭାରେ ଏହି ବିଲ୍ ଉପସ୍ଥାପନ କରିବା ପରେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଥିଲେ, ସରକାର ଏହି ଆଇନର ଅଧିକ ଯାଞ୍ଚ ପାଇଁ ପ୍ରସ୍ତୁତ ଅଛନ୍ତି। ସେ କହିଛନ୍ତି, କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟ ସ୍ୱଷ୍ଟ ଏବଂ ଏହି ଆଇନରୁ ଲୁଚାଇବାକୁ କିଛି ନାହିଁ।

ପୂର୍ବରୁ ବିଲ୍ ଆଗତ କରି ମନ୍ତ୍ରୀ ସ୍ପଷ୍ଟ କରିଥିଲେ, ଏହି ବିଲ୍ ଧାର୍ମିକ ଅନୁଷ୍ଠାନର କାର୍ଯ୍ୟରେ ହସ୍ତକ୍ଷେପ କରିବା ଉଦ୍ଦେଶ୍ୟରେ ନୁହେଁ ଏବଂ ଏହା ମୁସଲମାନ ସମ୍ପ୍ରଦାୟର ଅବହେଳିତ ଓ ଗରିବ ବର୍ଗଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ। ଏଭଳି ଆଇନ ଆଣିବା ପାଇଁ କେନ୍ଦ୍ର ସରକାରଙ୍କ କୌଣସି ଦକ୍ଷତା ନାହିଁ ବୋଲି ବିରୋଧୀଙ୍କ ଦାବି ଉପରେ ପ୍ରଶ୍ନ ଉଠାଇ ସେ କହିଛନ୍ତି ଯେ, ଏହି ପ୍ରସଙ୍ଗ ସମ୍ବିଧାନର ସମକାଳୀନ ତାଲିକା ଅଧୀନରେ ଆସୁଛି ଏବଂ କେନ୍ଦ୍ର ସରକାର ଏହା ଉପରେ ଆଇନ ପ୍ରଣୟନ କରିବାକୁ ଯଥେଷ୍ଟ ସକ୍ଷମ। ଶ୍ରୀ ରିଜିଜୁ କହିଛନ୍ତି ଯେ ସଚ୍ଚର କମିଟି ଏବଂ ପୂର୍ବ ସରକାରମାନଙ୍କ ଦ୍ୱାରା ଗଠିତ ବିଭିନ୍ନ କମିଟିର ବିଭିନ୍ନ ସୁପାରିସ ଅନୁଯାୟୀ ଏହି ଆଇନ ଅଣାଯାଇଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ୱାକଫ୍ ବୋର୍ଡର କାର୍ଯ୍ୟରେ ଅନେକ ତ୍ରୁଟି ରହିଛି ଏବଂ କିଛି ଲୋକ ଏହି ବୋର୍ଡକୁ ଦଖଲ କରିଛନ୍ତି। ମୁସଲମାନ ମହିଳା ଏବଂ ଓବିସି ସମ୍ପ୍ରଦାୟର ଉପଯୁକ୍ତ ପ୍ରତିନିଧିତ୍ୱ ସୁନିଶ୍ଚିତ କରିବା ଏବଂ ସ୍ୱଚ୍ଛତା ଆଣିବା ପାଇଁ ଏହି ଆଇନ ଅଣାଯାଇଛି ବୋଲି ସେ ଆଲୋକପାତ କରିଥିଲେ। ୱାକଫ୍ ବୋର୍ଡ ସହ ଜଡ଼ିତ ପ୍ରାୟ ୧୨ ହଜାର ମାମଲା ବିଚାରାଧୀନ ରହିଛି ଏବଂ ଏହି ବିଲରେ ୬ ମାସ ମଧ୍ୟରେ ଏଭଳି ମାମଲାର ସମାଧାନ କରିବାର ବ୍ୟବସ୍ଥା ରହିଛି ବୋଲି ମନ୍ତ୍ରୀ ଆଲୋକପାତ କରିଥିଲେ। ୱାକଫ୍ ବୋର୍ଡ ସମ୍ପତ୍ତିରେ ଜବରଦଖଲ ଜନିତ ସମସ୍ୟା ନେଇ ବର୍ଷକ ମଧ୍ୟରେ ପାଖାପାଖି ୨୦୦ଟି ଅଭିଯୋଗ ଆସିଥିବା ସେ ସୂଚନା ଦେଇଛନ୍ତି। ହିତାଧିକାରୀଙ୍କ ସହ ଉପଯୁକ୍ତ ବିଚାର ବିମର୍ଶ ନକରି ଏହି ବିଲ୍ ଅଣାଯାଇଥିବା ବିରୋଧୀଙ୍କ

ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ଏହି ଆଇନ ଆଣିବା ପୂର୍ବରୁ ଅଂଶୀଦାରମାନଙ୍କ ସହ ବ୍ୟାପକ ବିଚାର ବିମର୍ଶ କରାଯାଇଥିଲା ବୋଲି ମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ବିଲର ବ୍ୟବସ୍ଥା ଉପରେ ଆଲୋକପାତ କରି ସେ କହିଛନ୍ତି, ୱାକଫ୍ ବୋର୍ଡ ଟ୍ରିବ୍ୟୁନାଲରେ ଜଣେ ନ୍ୟାୟିକ ଓ ଜଣେ ବୈଷୟିକ ସଦସ୍ୟ ରହିବେ। ପୂର୍ବରୁ ଏହି ବିଲ୍ ଆଗତକୁ ବିରୋଧ କରି କଂଗ୍ରେସ, ଟିଏମସି, ସମାଜବାଦୀ ପାର୍ଟି, ଡିଏମକେ, ଏନସିପି (ଏସପି), ବାମପନ୍ଥୀ ଏବଂ ଅନ୍ୟମାନେ ଏହାକୁ ସମ୍ବିଧାନ ଏବଂ ଧର୍ମ ସ୍ୱାଧୀନତା ବିରୋଧୀ ବୋଲି କହିଥିଲେ।

## ରାଜ୍ୟସଭା-ଅର୍ଥବିଲ୍

ସଂସଦରେ ଅର୍ଥ  ବିଲ୍ ୨୦୨୪, ବିନିଯୋଗ ବିଲ୍ ୨୦୨୪ ଏବଂ ଜମ୍ମୁ-କଶ୍ମୀର ବିନିଯୋଗ ବିଲ୍ ୨୦୨୪ ପାରିତ ହୋଇଛି। ରାଜ୍ୟସଭାରେ ଆଲୋଚନା ପରେ ଏହି ବିଲ୍ ଗୁଡ଼ିକୁ ଲୋକସଭାକୁ ଫେରାଇ ଦିଆଯାଇଥିଲା। ଲୋକସଭାରେ ଏହି ବିଲ୍ ପାରିତ ହୋଇସାରିଛି। ଏହା ସହିତ ସଂସଦ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବଜେଟ୍ ପ୍ରକ୍ରିୟା ଶେଷ କରିଛି।

ଅର୍ଥ ବିଲ୍ ୨୦୨୪-୨୦୨୫ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ସରକାରଙ୍କ ଆର୍ଥିକ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବ। ବିନିଯୋଗ

ବିଲ୍‌ରେ ୨୦୨୪-୨୫ ଆର୍ଥିକ ବର୍ଷର ସେବା ପାଇଁ ଭାରତର ସଂଯୁକ୍ତ ପାଣ୍ଠିରୁ ନିର୍ଦ୍ଦିଷ୍ଟ ପରିମାଣର ଦେୟ ଏବଂ ବିନିଯୋଗ ପାଇଁ ଅନୁମତି ଦିଆଯାଇଛି। ଜମ୍ମୁ-କଶ୍ମୀର ବିନିଯୋଗ ବିଲ୍ ୨୦୨୪-୨୫ ଆର୍ଥିକ ବର୍ଷର ସେବା ପାଇଁ କେନ୍ଦ୍ର ଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରର ସଂଯୁକ୍ତ ପାଣ୍ଠିରୁ କିଛି ପରିମାଣର ଅର୍ଥ ପ୍ରଦାନ ଏବଂ ବିନିଯୋଗ କୁ ଅନୁମତି ଦେଇଛି।

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ରାଜ୍ୟସଭାରେ ଏହି ବିଲ୍ ଉପରେ ବିତର୍କର ଉତ୍ତର ଦେଇ କହିଛନ୍ତି ଯେ କୋଭିଡ୍ ପରଠାରୁ କ୍ରମାଗତ ଭାବେ ପୁଞ୍ଜି ବ୍ୟୟ ଉପରେ ଧ୍ୟାନ ଦେଇ ସରକାର ଅଧିକରୁ ଅଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ସେ କହିଛନ୍ତି ଯେ ୨୦୨୩-୨୪ରେ ପ୍ରଭାବଶାଳୀ ପୁଞ୍ଜି ବ୍ୟୟ ୧୫ଦଶମିକ୍ ୦/୨ ଲକ୍ଷ କୋଟି ବା ୧୮ ପ୍ରତିଶତ ହେବ ବୋଲି ଆକଳନ କରାଯାଇପାରେ। ଭାରତୀୟ ଅର୍ଥନୀତିକୁ ବିଶ୍ୱ ସ୍ତରୀୟ ଆହ୍ୱାନର ମୁକାବିଲା କରିବାକୁ ପଡ଼ିବ ବୋଲି ସ୍ୱୀକାର କରି ସରକାର ପୁଞ୍ଜି ବ୍ୟୟ ଉପରେ ଗୁରୁତ୍ୱ ଦେଉଛନ୍ତି ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ପୁଞ୍ଜି ବ୍ୟୟର ଗୁଣାତ୍ମକ ପ୍ରଭାବ ଭାରତକୁ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ବୃହତ ଅର୍ଥନୀତି ଭାବରେ ରଖିଛି ଏବଂ ଚଳିତ ବର୍ଷ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ରହିବ ।

୨୦୨୪-୨୫ରେ ରାଜ୍ୟଗୁଡ଼ିକୁ ହସ୍ତାନ୍ତର ପାଇଁ ପ୍ରସ୍ତାବିତ ମୋଟ ସମ୍ବଳ ୨୨ଦଶମିକ୍ ୯/୧ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ

କରାଯାଇଛି । ଏଥିରେ ୨୦୨୩-୨୪ ତୁଳନାରେ ୪ରୁ ୯ ଲକ୍ଷ କୋଟି ଟଙ୍କାର ୨ ପ୍ରତିଶତ ବୃଦ୍ଧି ଅନ୍ତର୍ଭୁକ୍ତ । ସେହିପରି ସମସ୍ତ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ବ୍ୟୟବରାଦ ଗତବର୍ଷ ୬୧ହଜାର ୧୧୮ କୋଟି ଟଙ୍କା ଥିବା ବେଳେ ଚଳିତ ବର୍ଷ ଏହା ୬୮ହଜାର ୬୬୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି ।ପରବର୍ତ୍ତୀ ସମୟରେ ରାଜ୍ୟସଭାରେ ସ୍ୱତନ୍ତ୍ର ବିଜ୍ଞପ୍ତି ଅଧୀନରେ ବିଭିନ୍ନ ଜନଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠିଥିଲା ।